# ଗ୍ରାମୀଣ କୃଷି ମୌସମ ସେବା


**ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର**

**ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧**

**(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)**



**ପତ୍ରିକା ସଂଖ୍ୟା-୧୫/୨୪**


**ଜିଲ୍ଲା-ବାଲେଶ୍ୱର** **ତା.୨୦.୦୨.୨୦୨୪**

**ପାଣିପାଗ ପୂର୍ବାନୁମାନ (ତା.୨୫.୦୨.୨୦୨୪ ପର୍ଯ୍ୟନ୍ତ** )-: IMD ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାକୁ 2 ଦିନ ପାଇଁ ଶୁଖିଲା ପାଗ ଏବଂ 3 ଦିନ ପାଇଁ ହାଲୁକା ବର୍ଷା ହେବା ସହ ସାଧାରଣତ ମେଘୁଆ ଆକାଶ ରହିବାର ସମ୍ଭାବନା ରହିଛି | ପବନର ବେଗ ୧୩-୧୯ କିଲୋମିଟର / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ଅଛି | ଆସନ୍ତା ପାଞ୍ଚ ଦିନ ପାଇଁ ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୯-୩୩ ° C ଏବଂ ୨୨-୨୩ ° C ରହିବାର ସମ୍ଭାବନା ଅଛି |

## ପାଣିପାଗଭିତ୍ତିକ କୃଷି ଉପଦେଶ

**ବର୍ତ୍ତମାନ ପାଣିପାଗର ଯେଉଁସ୍ଥିତି ଫସଲରେ ରୋଗ ପୋକ ଆକ୍ରମଣ ପାଇଁ ଅନୁକୂଳ ଅଟେ ତେଣୁ ଏହାର ନିୟମିତ ନିରୀକ୍ଷଣ କରନ୍ତୁ ।**

### ଖରାଟିଆ ଧାନ

- ❖ ଘାସମରା ଔଷଧ ପ୍ରୟୋଗ କରିବା ପୂର୍ବରୁ ଧାନ ଜମିରୁ ପାଣି କାଟି ଦିଅନ୍ତୁ ଏବଂ ଔଷଧ ପ୍ରସୟାଗ କରିବାର 2 ଦିନ ପରେ ଜଳସେଚନ କରନ୍ତୁ । ଅଧିକ ଅମଳକ୍ଷମ ଧାନ କିସମ ପାଇଁ ସାର ହିସାବରେ ଧାନ ରୋଇବାର 3 ସପ୍ତାହ ବେଳକୁ ଏକର ପ୍ରତି 35 କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଯେଉଁଚାଷୀ ମାନେ ଧାନ ରୋଇବାକୁ ଯାଉଛନ୍ତି ଧାନ ରୋଇବା ପୁର୍ବରୁ ମୂଳ ସାର ହିସାବରେ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି 35 କିଲୋଗ୍ରାମ ଡ଼ିଏପି , 30 କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ଏବଂ 8 କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ।
- ❖ ଯେଉଁ ଚାଷୀମାନେ ପ୍ରତିରୋପଣ ଶେଷ କରିସାରିଛନ୍ତି ସେମାନେ ପ୍ରତିରୋପଣର 5-8 ଦିନ ପରେ ଗ୍ରାନୁଲାର ତୃଣନାଶକ ବେନ୍ସଲଫୁରନ-ମିଥାଇଲ + ପ୍ରିଟିଲାକ୍ଲୋର 4 କେଜି/ଏକର ପ୍ରୟୋଗ କରନ୍ତୁ।
- ❖ ପତ୍ରପୋଡା ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ତଳି ଚେର କୁ ୦.୧ % Plantomycin (୧ ଗ୍ରାମ ୧ ଲିଟର ହିସାବରେ ) ୩୦ ମିନିଟ ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ ।

### ଆଖୁ-

- ❖ ଆଖୁ ଫସଲ ର ବୟସ 6-8 ମାସ ହୋଇଥିବା ସମୟରେ ପୁରା ଆଖୁ ବିହନ କରିବା ପାଇଁ ଉପଯୁକ୍ତ ହୋଇଥାଏ। ବିହନ ନିର୍ବାଚନ ସମୟ ରେ ରୋଗ ଓ ପୋକ ନ ଲାଗିଥିବା ଆଖୁକୁ ବାଛିବା ଉଚିତ। ଆଖୁଫସଲ 8-ମାସ ରୁ ଅଧିକ ହୋଇଥିଲେ ଭଲ ଗଜା ହେବା ପାଇଁ ଉପର ଦୁଇ ତୃତୀୟାଂଶକୁ ବିହନ ପାଇଁ ବାଛିବା ଉଚିତ। ଆଖୁ ବିହନ ଲଗାଇବା ପୂର୍ବରୁ ବିହନ ବିଶୋଧନ କରିବା ନିହାତି ଜରୁରୀ।
- ❖ ବିହନ ସଢା ଆଖୁ ଲଗାଇବା ପରେ ମୁଖ୍ୟ ଜମିରେ ଏହି ରୋଗ ଦେଖାଦେଲେ ଏକର ପ୍ରତି ୪୦୦-ଗ୍ରାମ Carbendazim ଓ Mancozeb ର ମିଳିତଳି ଫିମ୍ପିନା ମ୍ପି ଶକ , ୨୦୦- ଲିଟର ପାଣିରେ ମିଶାଇ ମାଟି କୁ ଭଲ ଭାବରେ ଭିଜାନ୍ତୁ କିମ୍ବା କି ୪୦୦-ଗ୍ରାମ Metalaxyl ଓ Mancozeb ର ମିଳିତଳି ଫିମ୍ପିନା ମ୍ପି ଶକ, ୨୦୦- ଲିଟର ପାଣିରେ ମିଶାଇ ସିଂ ଚନ କରନ୍ତୁ ।
- ❖ ଅମଳ ପରେ ଆଖୁ ଗଦାକୁ ଉଇ ଆକ୍ରମଣରୁ ରକ୍ଷା କରିବା ପାଇଁ ୩୦ ମିଲି Bifenthrin ନାମକ କୀଟନାଶକ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ❖ ଆଖୁ ଫସଲର ରାତୁନ୍ ଫସଲରେ ରୋଗ ଓ ପୋକ ସଙ୍କ୍ରମିତ ଗଛକୁ ବାହାର କରିଦିଅନ୍ତୁ ଏବଂ ଘାସୟୁକ୍ତ ଅଙ୍କୁର ସଙ୍କ୍ରମିତ ଗଛକୁ ବିଶୋଧନ କରିବା ପରେ ଫିପ୍ରୋନିଲ୍ 5 SC @୨ମିଲି/ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

### ମୁଗ ଓ ବିରି

- ❖ ମୁଗ ଓ ବିରି ଫସଲରେ ପ୍ରାରମ୍ଭିକ ଅବସ୍ଥାରେ ଧଳାମାଛି ଓ ଅନ୍ୟାନ୍ୟ ଶୋଷକ କୀଟ ମାନଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାପାଇଁ ୧ କିଗ୍ରା ମଞ୍ଜି ପ୍ରତି 5 ମି.ଲି. ଇମିଡାକ୍ଲୋପ୍ରିଡ ୬୦୦ ଏଫ.ଏସ. ମିଶାଇ ବିଶୋଧନ କରନ୍ତୁ ।
- ❖ ମୁଗ ଓ ବିରି ଫସଲର ପ୍ରାଥମିକ ଅବସ୍ଥାରେ ଜଉ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନି ମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟେର ପରିଚାଳନା ପାଇଁ ଏକରପ୍ରତି ୪୦ ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid କିମ୍ବା ୬୦ ମିଲି Imidachloprid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

### ସୋରିଷ/ତୋରିଆ-

- ବର୍ତ୍ତମାନ ସମୟରେ ସୋରିଷ ଫସଲରେ ଜଉ ପୋକ ଲାଗିବାର ସମ୍ଭାବନା ରହଛି । ପ୍ରାଥମିକ ଅବସ୍ଥାରେ ଏହି ପୋକ ଗୁଡକି ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiomethoxam ନାମକ କୀଟନାଶକ କିମ୍ବା କି ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦-ମିଲି Imidacloprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ପନିପରିବା-**

**କାକୁଡି** : କାକୁଡି ଫସଲରେ କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ମି.ଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ Azadiractinକୁ୨୦୦ଲିଟର ପାଣିରେଣି ମିଶାଇ ସିଂ ଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ମିଲି Chlorpyriphos ନାମକ କୀଟନାଶକ କିମ୍ବା ୪୦୦ମିଲି Profenophos ନାମକ କୀଟନାଶକ , ୨୦୦ଲିଟର ପାଣିରେଣି ମିଶାଇ ସିଂ ଚନ କରନ୍ତୁ।

**ବାଇଗଣ ଓ ଟମାଟ :**

- ଟମାଟ,ବାଇଗଣ,ଲଙ୍କା ଫସଲରେ ଚାରା ରୋପଣ ପୂର୍ବରୁ ଲିଟର ପାଣି ପ୍ରତି ୨ଗ୍ରାମ (ମେଟାଲାକସିଲ + ମାଙ୍କୋଜେବ) ସହ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ତଳି ବିଶୋଧନ କରନ୍ତୁ।
- ପନିପରିବା ନର୍ସରୀ ଏବଂ ଜମିରେ ଥିବା ଧଳା ମାଛି ପତ୍ରପୋଡା, ପତ୍ରଉଙ୍କୁଣି ଏବଂ ଜଉ ପୋକଙ୍କ ନିୟନ୍ତ୍ରଣ ପାଇଁ ଥାୟମେଥୋକଜାମ ୦.୪ ଗ୍ରାମ/ଲିଟର ପାଣି ପ୍ରତି ସିଞ୍ଚନ କରନ୍ତୁ।
- ବାଇଗଣ ଫସଲରେ ପତ୍ରପୋଡା ରୋଗର ଦମନ ପାଇଁ ଏକର ପ୍ରତି ୧ ଲିଟର ପାଣିରେ ୨ ଗ୍ରା (ମେଟାଲାକ୍ସିଲ + ମାଙ୍କୋଯେବ) କିମ୍ବା ୦.୮ ମି.ଲି. ଅଯୋକ୍ସିଷ୍ଟ୍ରୋବିନ ସିଂଚନ କରନ୍ତୁ ।
- ଶୀତ ଦିନିଆ ପନିପରିବା ଯଥା କୋବି , ବାଇଗଣ , ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୫ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ ପ୍ରୟୋଗ କରନ୍ତୁ ।
- ବିଲାତି ବାଇଗଣ ଓ କୋବି ଜାତୀୟ ଫସଲରେ ଧୂଆଁପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ଥିବାରୁ ଏକର ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୩୦୦ ମି.ଲି. ଲମ୍ବଡା ସାଇହାଲୋଥ୍ରୀନକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଫଳ –**

- ଅମୃତଭଣ୍ଡା: ଅମୃତଭଣ୍ଡା ରେ ଧଳା ମାଛି ଦମନ ପାଇ NSKE 5% ସିଂଚନ କେନ୍ତୁ। ଅମୃତଭଣ୍ଡା ପତ୍ର କର୍ଲ ଭାଇରସର ଭେକ୍ଟର (ଧଳାମାଛି) କୁ ଫାନ୍ଦରେ ରଖିବା ପାଇଁ ହଳଦିଆ ଷ୍ଟିକି ଟ୍ରାପ ସଂସ୍ଥାପନ କରନ୍ତୁ। ଧଳାମାଛି ନିୟନ୍ତ୍ରଣ କରିବା ପାଇଁ ନିମ୍ ତେଲ ସୂତ୍ର 1500 ppm @ 3ml / l ଜଳ ଏବଂ ଫ୍ଲୋନିକାମିଡ୍ 50WG @ 0.3 g / l ପାଣିରେର ସ୍ପ୍ରେ କରନ୍ତୁ।

**ମାଛ ଚାଷ –**

- ମାଛର ଧବଳ ରୋଗ ହେଲେ ଧଳା ଧଳା ଭାତୁଡି ଭଳି ଚିହ୍ନ ଦେଖାଯାଏ ଓ ହାତକୁ ଖଦଡା ଲାଗେ । ଏହାର ପ୍ରତିକାର ପାଇଁ ୨୦୦ ଲିଟର ପାଣି ରେ ୫୦୦ ଗ୍ରାମ ଗୋଟା ଲୁଣ ଭଲ ଭାବେ ମିଶାଇ ଆକ୍ରାନ୍ତ ମାଛକୁ ୫ ମିନିଟ ବୁଡାଇ ପୋଖରୀରେ ଛାଡନ୍ତୁ । ଏହି ପ୍ରକ୍ରିୟା ୭ ରୁ ୧୦ ଦିନ ପର୍ଯ୍ୟନ୍ତ କରନ୍ତୁ ।

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)